بسم الله الرحمن الرحيم

**୮ ଜୁଲାଇ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଉତ୍ତମ ଚରିତ୍ରର ଆଲୋଚନା କ୍ରମରେ ଆପଣ ର.ଅଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ଅଭିଯାନ ମୂଳକ ପଦକ୍ଷେପର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ହଜରତ ଅବୁବକର୍ ସିଦ୍ଦିକ୍ ର.ଅ ବିଦ୍ରୋହିମାନଙ୍କ ବିରୁଦ୍ଧରେ ଯେଉଁ ସୈନ୍ୟଦଳମାନ ପ୍ରେରଣ କରିଥିଲେ । ସେଥି ମଧ୍ୟରେ ୧୧ତମ ଦଳ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ହଜରତ ଅବୁବକର୍ ର.ଅ ଗୋଟିଏ ବାନା ହଜରତ ମୁହାଜିର୍ ବିନ୍ ଅବୁ ଉମଈୟା ର.ଅଙ୍କୁ ପ୍ରଦାନ କରି ଆଦେଶ ଦେଲେ ! ତୁମେ ଅସଓ୍ୱଦ୍ ଅନ୍‌ସିଙ୍କ ସୈନ୍ୟ ଦଳର ମୁକାବିଲା କରିବ ଏବଂ ଅବ୍‌ନାଙ୍କ ସାହାଯ୍ୟ କରିବ । ଯାହାଙ୍କ ସହିତ କୈସ ବିନ୍ ମକଶୁଃ ଓ ୟମନ୍‌ର ଅନ୍ୟାନ୍ୟ ଗୋଷ୍ଠୀ ସମୂହ ସାମିଲ ଅଛନ୍ତି । ଏଥିସହିତ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେଠାରୁ କୃତକାର୍ଯ୍ୟ ହେବା ପରେ କନ୍ଦାଃ ଗୋଷ୍ଠୀର ମୁକାବିଲା ନିମନ୍ତେ ହଜରେ ମୌତ (ଅଂଚଳ) ଅଭିମୁଖେ ଚାଲିଯିବ ।

ହଜରତ ମୁହାଜିର୍ ବିନ୍ ଅବୁ ଉମଈୟା ର.ଅ ବିଶ୍ୱାସକାରୀଙ୍କ ମାତା ହଜରତ ଉମ୍ମେ ସଲମା ର.ଅଙ୍କର ଭ୍ରାତା ଥିଲେ । ସେ ତବୁକ୍ ଯୁଦ୍ଧରେ (ଦୁର୍ଭାଗ୍ୟ ବଶତଃ) ସାମିଲ ହେବାରୁ ବିରତ ରହିବା ଯୋଗୁଁ ହଜୁର ସ.ଅଙ୍କ କ୍ରୋଧର ଶିକାର ହୋଇଥିଲେ । ଆଉ ଯେତେବେଳେ ତାହା ଦୂରିଭୂତ ହେଲା ସେତେବେଳେ ହଜୁର ସ.ଅ ତାଙ୍କୁ କନ୍ଦାଃର ଆମିଲ୍ (କର ଆଦାୟକାରୀ) ମୁତୟନ କରି ଦେଇଥିଲେ । କିନ୍ତୁ ସେ ବ୍ୟାଧିରେ ଆକ୍ରାନ୍ତ ହେବା ଯୋଗୁଁ ଉକ୍ତ ସ୍ଥାନରେ ପହଂଚିପାରି ନଥିଲେ । ଅତଏବ ସେ ହଜରତ ଜିୟାଦ୍ ର.ଅଙ୍କୁ ପତ୍ର ଲେଖିଲେ ! ସେ ସେଠାକୁ ଯାଇ ତାଙ୍କ ସକାଶେ ଏହି ଗୁରୁ ଦାୟିତ୍ୱକୁ ସମ୍ପାଦନ କରନ୍ତୁ । ପରବର୍ତ୍ତୀ ସମୟରେ ହଜରତ ଅବୁବକର୍ ର.ଅ ତାଙ୍କୁ ଜଜ୍‌ରାନ ଠାରୁ ଆରମ୍ଭ କରି ୟମନ୍‌ର ସୀମାବର୍ତ୍ତୀ ଅଂଚଳ ପର୍ଯ୍ୟନ୍ତ ହାକିମ ମୁତୟନ କରିଥିଲେ ଏବଂ ତାଙ୍କୁ ଯୁଦ୍ଧ ଲଢ଼ିବା ପାଇଁ ଆଦେଶ ମଧ୍ୟ ଦେଇଥିଲେ ।

ବୁଖାରୀର ବର୍ଣ୍ଣନାନୁଯାୟୀ ହଜରତ ମୁହମ୍ମଦ ସ.ଅ ସ୍ୱପ୍ନାଦେଶ ମାଧ୍ୟମରେ ପୂର୍ବରୁ ଦର୍ଶାଇ ଦେଇଥିଲେ ଯେ ଦୁଇ ଜଣ ମିଥ୍ୟାବାଦୀ ଅବତାରତ୍ୱର ଘୋଷଣା କରିବେ ଅର୍ଥାତ ସନ୍‌ଆ ଅଂଚଳର ଅସଓ୍ୱଦ୍ ଅନ୍‌ସି ଓ ୟମାମା’ର ମୁସୈଲମାଃ କଜ୍ଜାବ୍ ।

ହଜରତ ମୁହମ୍ମଦ ସ.ଅ ଇରାନୀ ସମ୍ରାଟ କିସରାଙ୍କୁ ଇସଲାମ ପ୍ରତି ଆମନ୍ତ୍ରଣର ପତ୍ର ପ୍ରେରଣ କରିଥିଲେ । ତାହା ହସ୍ତଗତ ହେବା ମାତ୍ରେ ସେ ଭୀଷଣ କ୍ରୋଧରେ ଜର୍ଜରିତ ହୋଇ ୟମନ୍‌ରେ ଥିବା ନିଜ ପ୍ରତିନିଧି ବାଜାନ୍‌ଙ୍କୁ ଆଦେଶ ଦେଲା ଯେ ସେ ହଜୁର ସ.ଅଙ୍କର ମସ୍ତକ ନେଇ ତାହା ଦରବାରରେ ହାଜର ହେଉ । ବସ୍ତୁତଃ ବାଜାନ୍ ଦୁଇ ଜଣ ବ୍ୟକ୍ତିଙ୍କୁ ହଜୁର ସ.ଅଙ୍କ ନିକଟକୁ ପ୍ରେରଣ କରିଥିଲା । ପ୍ରତିଉତ୍ତରରେ ହଜୁର ସ.ଅ ସେମାନଙ୍କୁ

କହିଲେ; **ମୋ ପରମେଶ୍ୱର ମୋତେ ସୂଚିତ କରିଛନ୍ତି, ଯେ ତୁମ ସମ୍ରାଟଙ୍କୁ ତାହାର ପୁତ୍ର ଶେରୱିୟା ହତ୍ୟା କରି ସ୍ୱୟଂକୁ ସମ୍ରାଟ ଘୋଷିତ କରି ଦେଇଛି ।** ଏଥିସହିତ ହଜୁର[ସ.ଅ] ବାଜାନ୍‌ଙ୍କୁ ଇସଲାମ ପ୍ରତି ଆମନ୍ତ୍ରିତ କଲେ ଏବଂ କହିଲେ, ଯଦି ତୁମେ ଇସଲାମ ଧର୍ମ ସ୍ୱୀକାର କରିନିଅ ତେବେ ଆମ୍ଭେ ତୁମକୁ ହିଁ ୟମନ୍‌ର ହାକିମ ରହିବାକୁ ଦେବୁ । ଏହା ଶୁଣିବା ପରେ ଉକ୍ତ ଦୁଇ ଜଣ ବ୍ୟକ୍ତି ମଦିନାରୁ ଫେରିଗଲେ ଏବଂ ବାଜାନ୍‌କୁ ସମସ୍ତ ଘଟଣାଚକ୍ର ଶୁଣାଇଲେ । ଇତି ମଧ୍ୟରେ ବାଜାନ୍‌କୁ ଅପର ପାର୍ଶ୍ୱରୁ ମଧ୍ୟ ସମସ୍ତ ଖବର ମିଳି ଯାଇଥିଲା ଯେ ବାସ୍ତବରେ ତାହା ଘଟି ଯାଇଛି । ବାଜାନ୍ ଯେତେବେଳେ ଏହି ଘଟଣା ବାସ୍ତବରେ ପୂରଣ ହେବାର ସ୍ୱଚକ୍ଷୁରେ ଅବଲୋକନ କରିନେଲା ସେତେବେଳେ ସେ ଇସଲାମ ଧର୍ମ ସ୍ୱୀକାର କରିନେଲା । ବସ୍ତୁତଃ ହଜୁର[ସ.ଅ] ମଧ୍ୟ ନିଜ ପ୍ରତିଶୃତି ରକ୍ଷା କରି ତାହାକୁ ୟମନ୍‌ର ହାକିମ ଘୋଷଣା କରିଦେଲେ ।

ଯେତେବେଳେ ବାଜାନ୍‌ର ନିଧନ ହେଲା ସେତେବେଳେ ହଜୁର[ସ.ଅ] ନିଜ ଅମିର୍‌ମାନଙ୍କୁ ୟମନ୍‌ର ବିଭିନ୍ନ ଅଂଚଳର କର-ଆଦାୟକାରୀ ମୁତୟନ କରିଥିଲେ । ୟମନ୍‌ର ଦକ୍ଷିଣ ଭାଗରେ ବସବାସ କରୁଥିବା ଯାଦୁଗର ଅସୱଦ୍ ଯାଦୁ ଏବଂ ସୁନ୍ଦର ଗଦ୍ୟ ଓ ପଦ୍ୟ ସମ୍ୱଳିତ କଥା କହି ଲୋକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ନେଇଥିଲା ତଥା ନିଜ ଅବତାରତ୍ୱର ମଧ୍ୟ ଘୋଷଣା କରିଦେଲା । ଯେଉଁଥିରେ ସାଦାଃ (ଗୋଷ୍ଠୀ) ଓ ମୁର୍ଖ ଲୋକମାନଙ୍କର ଏକ ବିଶାଳ ସଂଖ୍ୟା ଗରିଷ୍ଠ ଦଳ ତାହା ସହିତ ଏକତ୍ରିତ ହୋଇଗଲେ ଏବଂ ସେ ଏହି ନାରା (ଶ୍ଲୋଗାନ) ଲଗାଇଥିଲା ଯେ ୟମନ୍ କେବଳ ୟମନୀମାନଙ୍କର ଅଟେ । ତେଣୁ ୟମନ୍‌ର ଜନସାଧାରଣ ତାହାର ଏହି ଶ୍ଲୋଗାନରେ (ବିଶେଷ ଭାବରେ) ପ୍ରଭାବିତ ହୋଇଥିଲେ । ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଉକ୍ତ ନାରାଟି ଅତି ପୁରାତନ, ଯାହାକି ଆଜି ମଧ୍ୟ ସେଠାରେ ପ୍ରଚଳିତ । ସମ୍ପ୍ରତି ବିଶ୍ୱରେ ଯେଉଁ ବିଶୃଙ୍ଖଳା ପ୍ରସାର ଲାଭ କରୁଅଛି ତାହାର ମୂଳ କାରଣ ମଧ୍ୟ ଏହା ହିଁ ଅଟେ ।

ଯେତେବେଳେ ଏହି ସଙ୍କଟାପର୍ଣ୍ଣ ପରିସ୍ଥିତିର ସୂଚନା ମଦିନାରେ ପହଂଚିଲା ସେତେବେଳେ ହଜୁର[ସ.ଅ] ମୌତା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ଶହିଦ୍‌ମାନଙ୍କ ପ୍ରତିଶୋଧ ନେବା ଓ ଉତ୍ତର ଦିଗରୁ ଆକ୍ରମଣକାରୀଙ୍କ ପ୍ରତିରୋଧ କରିବା ପାଇଁ ଏକ ସେନା ହଜରତ ଉସାମାଃ ବିନ୍ ଜୈଦ୍‌ଙ୍କ ନେତୃତ୍ୱରେ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ । ଅତଏବ ଆପଣ ୟମନ୍‌ର ସରଦାରମାନଙ୍କ ନିକଟକୁ ପତ୍ର ପ୍ରେରଣ କଲେ, ଯେ ସେମାନେ ନିଜ ଆଡୁ ଅସୱଦ୍ ସହିତ ସଂଘର୍ଷ ଜାରି ରଖିଥାନ୍ତୁ । **ଆଉ ଯେତେବେଳେ ଉସାମା[ର.ଅ] ବିଜୟ ମଣ୍ଡିତ ହୋଇ ଫେରିବେ ସେତେବେଳେ ତାଙ୍କୁ ୟମନ୍ ଆଡ଼କୁ ପ୍ରେରଣ କରି ଦିଆଯିବ ।**

ଇତି ମଧ୍ୟରେ ହଜରେ ମୌତ ଓ ୟମନ୍‌ର ମୁସଲମାନମାନଙ୍କ ନିକଟରେ ହଜୁର [ସ.ଅ]ଙ୍କର ପତ୍ର ପହଂଚିଲା । ଯେଉଁଥିରେ ସେମାନଙ୍କୁ ଅସୱଦ୍ ଅନ୍‌ସି ସହିତ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁତରାଂ ଏହି ଉଦ୍ଦେଶ୍ୟ ପୂରଣ କରିବା ସକାଶେ ହଜରତ ମାଜ୍ ବିନ୍ ଜବଲ୍ ଛିଡ଼ା ହେଲେ ଯାହା ଫଳରେ ମୁସଲମାନମାନଙ୍କ ହୃଦୟ ମଜବୁତ୍ ହୋଇଗଲା । ଜିଶନିଶ୍ (ଜୁଶାୟଶ୍) ଦେଲମି କୁହନ୍ତି; ଓବରା ବିନ୍ ୟୁହନ୍‌ନିସ ହଜୁର [ସ.ଅ]ଙ୍କର ପତ୍ର ନେଇ ଆମ ନିକଟକୁ ଆସିଲେ । ଯେଉଁଥିରେ ଆପଣ[ସ.ଅ] ଆଦେଶ ଦେଇଥିଲେ, ଯେ ଆମେ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରହିବୁ ଏବଂ ଅସୱଦ୍ ସହିତ ଯୁଦ୍ଧ ରଣନୀତି ବଜାୟ ରଖିବୁ । ଅଧିକନ୍ତୁ ଆପଣ [ସ.ଅ]ଙ୍କ ବାର୍ତ୍ତାକୁ ସେମାନଙ୍କ ନିକଟରେ ପହଂଚାଇବୁ ଯେଉଁମାନଙ୍କ ମଧ୍ୟରେ ଇସଲାମ ପ୍ରବିଷ୍ଟ ହୋଇ ଯାଇଛି ଏବଂ ଧର୍ମର ସମର୍ଥନରେ ସେମାନେ ଅଣ୍ଟା ଭିଡ଼ି ଛିଡ଼ା ହୋଇଛନ୍ତି । ଆମେ ସେଥି ମୁତାବକ କାର୍ଯ୍ୟକାରୀ କଲୁ କିନ୍ତୁ ଆମେ ଦେଖିଲୁ ଯେ ଏସବୁ ସତ୍ତ୍ୱେ ଅସୱଦ୍ ବିରୁଦ୍ଧରେ ସଫଳ ହେବା ସମ୍ଭବ ନୁହେଁ ।

ଜିଶନିଶ୍ ଦେଲମି ବର୍ଣ୍ଣନା କରନ୍ତି, ଆମମାନଙ୍କୁ ଗୋଟିଏ କଥା ଜ୍ଞାତ ହେଲା ଯେ ଅସୱଦ୍ ଓ ଉମରୋ ବିନ୍ ମାଆଦୀଙ୍କର ଭଣଜା କୈସ ବିନ୍ ଅବ୍‌ଦେଗୌସ ବିନ୍ ମକଶୁହ୍‌ଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଯାଇଛି । ସୁତରାଂ ଆମେମାନେ ଚିନ୍ତା କଲୁ ଯେ କୈସର ପ୍ରାଣ ହାନି ଘଟିବାର ଆଶଙ୍କା ରହିଛି । ତେଣୁ ଆମେ ତାହାକୁ ଇସଲାମ ପ୍ରତି ଡ଼ାକରା ଦେଲୁ ଏବଂ ତାହାକୁ ହଜୁର [ସ.ଅ]ଙ୍କର ବାର୍ତ୍ତା ପ୍ରଦାନ କଲୁ । ଏଥିରେ ତାହାକୁ ଏପରି ଅନୁଭବ ହେଲା ଯେମିତି ଆମେ ଆକାଶରୁ ଅବତୀର୍ଣ୍ଣ ହୋଇଛୁ । ଅତଏବ ସେ ସଙ୍ଗେସଙ୍ଗେ ଆମ ପ୍ରସ୍ତାବ ସ୍ୱୀକାର କରିନେଲେ । ସେଥିଅନ୍ତେ ଆମେ ଅନ୍ୟ ଲୋକମାନଙ୍କ ସହିତ ନିରନ୍ତର ପତ୍ର ବିନିମୟ କାର୍ଯ୍ୟ କଲୁ । ବିଭିନ୍ନ ଗୋଷ୍ଠୀମାନଙ୍କର ସରଦାରମାନେ ମଧ୍ୟ ଆମ କଥାରେ ରାଜି ହୋଇ ଅସୱଦ୍‌ର ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଗଲେ । ଏହିପରି ଭାବରେ ହଜୁର[ସ.ଅ] ନଜରାନ୍‌ର ଅଧିବାସୀମାନଙ୍କ ନିକଟକୁ ଅସୱଦ୍ ବିରୁଦ୍ଧରେ (ପତ୍ର) ଲେଖିଥିଲେ । ଏଥିରେ ସେମାନେ ଆପଣ [ସ.ଅ]ଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିଲେ ଏବଂ ସେଥିରେ ରାଜି ହୋଇ ଯାଇଥିଲେ । *ଯେତେବେଳେ ଏହି ଖବର ଅସୱଦ୍ ନିକଟରେ ପହଂଚିଲା ସେତେବେଳେ ତାହାକୁ ନିଜ କାଳ ଦୃଶ୍ୟମାନ ହେଲା ।*

ଜିଶନିଶ୍ ଦେଲମି ଗୋଟିଏ ଉପାୟ ପାଂଚିଲା, ସେ ଅସୱଦ୍‌ର ପତ୍ନୀ ଆଜାଦ୍ ନିକଟକୁ ଗଲା ଏବଂ ତାହାକୁ ପୂର୍ବ ଘଟଣା ସ୍ମରଣ କରାଇଲା କି କିପରି ଅସୱଦ୍ ତାହାର ପୂର୍ବ ସ୍ୱାମୀ ହଜରତ ଶହର ବିନ୍ ବାଜାନ୍ [ର.ଅ]ଙ୍କୁ ଶହିଦ୍ କରିଥିଲା ଓ ତାହାର ବଂଶକୁ ନିପାତ କରି ତାଙ୍କର ମାନସମ୍ମାନ ଧୂଳିସାତ କରି ତାଙ୍କ ଉପରେ ଅତ୍ୟାଚାର କରିଥିଲା । ଏପରି ସେ ଆଜାଦ୍‌କୁ ଅସୱଦ୍ ବିରୋଧରେ ନିଜ ସାଥିରେ ସାମିଲ କରି ତାହାର ସାହାଯ୍ୟ କରିବାକୁ କହିଥିଲା । ଯାହାକି ଆଜାଦ୍ ଅତି ଆନନ୍ଦର ସହିତ ସ୍ୱୀକାର କରି ନେଇଥିଲା । ଶେଷରେ ସେ ଏକ ସଂପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବା ସହିତ ଆଜାଦ୍‌ର ସାହାଯ୍ୟ କ୍ରମେ ଏକଦା ରାତ୍ରରେ ଅସୱଦ୍ ଅନ୍‌ସୀ ଉପରେ ଆକ୍ରମଣ କରି ତାହାକୁ ହତ୍ୟା କରିଦେଲେ । ଏପରି ଏହି ବିଶୃଙ୍ଖଳା ତିନି ମାସ ପର୍ଯ୍ୟନ୍ତ ଏବଂ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଚାରି ମାସ ପର୍ଯ୍ୟନ୍ତ ପ୍ରଜ୍ୱଳିତ ରହିଥିଲା ।

ସେଥିଅନ୍ତେ ସନ୍‌ଆରେ ପୂର୍ବ ପରି (ମୁସଲମାନମାନଙ୍କ) ଶାସନ ଆରମ୍ଭ ହୋଇଗଲା କିନ୍ତୁ ୟମନ୍‌ରେ ପୁନର୍ବାର ବିଦ୍ରୋହର ସୂତ୍ରପାତ ହେଲା । ହଜୁର [ସ.ଅ]ଙ୍କ ଦେହାନ୍ତର ଚର୍ଚ୍ଚା ହେବା ଫଳରେ ସୁଧୁରୁ ଥିବା ପରିସ୍ଥିତି ପୁନଶ୍ଚ ସଙ୍ଗିନ୍ ହୋଇଗଲା । ସୁଦକ୍ଷ, ବୁଦ୍ଧିମାନ ଓ ଜାତିର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସର୍ବଦା ତତ୍ପର ରହୁଥିବା କୈସ ବିନ୍ ଅବ୍‌ଦେଗୌସ ପୁନର୍ବାର ଇସଲାମ ଧର୍ମରୁ ଓହରି ଗଲା । କାରଣ ୟମନ୍‌ରେ ପାର୍ସୀମାନଙ୍କ ପରକ୍ରମତା ତାହାକୁ ସର୍ବଦା କଣ୍ଟା ପରି ଅନୁଭବ ହେଉଥିଲା । ସେମାନଙ୍କୁ ନିପାତ କରିବା ପରେ ସେ ସେମାନଙ୍କ ସନ୍ତାନମାନଙ୍କ ଖୁସି, ସେମାନଙ୍କ ଏକତ୍ୱ ଓ ଅର୍ଥନୈତିକ ସମୃଦ୍ଧିକୁ ନଷ୍ଟଭ୍ରଷ୍ଟ କରିବାକୁ ଚାହୁଁଥିଲା । ପୂର୍ବରୁ ସେ ଜଣେ ସୁଦକ୍ଷ ସେନାଧ୍ୟକ୍ଷ ତ ଥିଲା ହିଁ, ସେ ଅସୱଦ୍‌ର ସୈନ୍ୟସାମନ୍ତଙ୍କୁ ପ୍ରବର୍ତ୍ତାଇଲା ଏବଂ ତାହାର ପୁତ୍ରମାନଙ୍କୁ ଦେଶରୁ ବିତାଡ଼ିତ କରିବାର ଯୋଜନା ପ୍ରସ୍ତୁତ କଲା । ଫିରୋଜ୍ ଓ ଦାଜ୍‌ୱିୟା ଉଭୟଙ୍କ ସହିତ ସେ ନିଜର ସମ୍ପର୍କ ଭଙ୍ଗ କରିଦେଲା ଏବଂ କପଟତାର ପନ୍ଥା ଅବଲମ୍ବନ କରି ଦାଜ୍‌ୱିୟାକୁ ହତ୍ୟା କଲା ଯେତେବେଳେ କି ଫିରୋଜ୍ ଭାଗ୍ୟ ବଶତଃ ବର୍ତ୍ତିଗଲା । ଫିରୋଜ୍ ନିଜ ଓ ନିଜ ପୁତ୍ରମାନଙ୍କ ବିଶ୍ୱସ୍ତତାର ଗାଥା ହଜରତ ଅବୁବକର୍ [ର.ଅ]ଙ୍କୁ ସ୍ମରଣ କରାଇ ନିବେଦନ କଲା ଯେ ଆପଣ ଆମକୁ ସାହାଯ୍ୟ କରନ୍ତୁ । **ଆମେ ଇସଲାମ ଧର୍ମ ଖାତିର ସମସ୍ତ ପ୍ରକାରର ବଳିଦାନ ଦେବା ପାଇଁ ପ୍ରସ୍ତୁତ ଅଛୁ ।**

ହଜରତ ଅବୁବକର୍ [ର.ଅ]ଙ୍କ ଦ୍ୱାରା ଗଠନ କରାଯାଇଥରବା ୧୧ଗୋଟି ସୈନ୍ୟଦଳ ମଧ୍ୟରୁ ସର୍ବଶେଷରେ ଆପଣ [ର.ଅ]ଙ୍କ ଦଳଟି ମଦିନାରୁ ୟମନ୍ ଅଭିମୁଖେ ବାହାରି ଥିଲା । ମାର୍ଗରେ ବିଭିନ୍ନ ଗୋଷ୍ଠୀ ସମୂହ ଆପଣଙ୍କ

ସହିତ ସାମିଲ ହୋଇଥିଲେ । ଯାହାକି ଏକ ବିଶାଳ ସେନାରେ ପରିଣତ ହୋଇ ଆଗକୁ ଅଗ୍ରସର ହୋଇଥିଲା । ଖୁତ୍‌ବା ସାନିୟା ପାଠ କରିବା ପୂର୍ବରୁ ହଜୁର ଅନଓ୍ୱର[ଅ.ବ] ଉମରୋ ବିନ୍ ମାଆଦୀ କରବ୍ ଓ କୈସ ବିନ୍ ମକଶୁହ୍‌ର ବନ୍ଦୀ ହୋଇ ହଜରତ ଅବୁବକର୍ [ର.ଅ]ଙ୍କ ସମ୍ମୁଖରେ ଉପସ୍ଥିତ ହେବା, ସେମାନଙ୍କ କଳାକର୍ମ ପାଇଁ ତାଙ୍କୁ ଜେରା କରିବା, ସେମାନଙ୍କୁ କ୍ଷମା କରି ସ୍ୱାଧୀନ କରିବା ଏବଂ ତାଙ୍କୁ ତାଙ୍କ ଗୋଷ୍ଠୀ ହାତରେ ଟେକି ଦେବା ସହିତ ସେମାନଙ୍କ କୁପରିଣତି ଆଦି ପ୍ରସଙ୍ଗରେ ଚର୍ଚ୍ଚା କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
8th July 2022